# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 19th June - 2026

*********************************

***Desk***

## ରାଷ୍ଟ୍ରପତି ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ସମୟରେ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ରାଷ୍ଟ୍ରପତି' କୁସୁମି ବ୍ଲକ ଅନ୍ତର୍ଗତ ୧୧୩ଟି ଖଣି ପ୍ରଭାବିତ ଗ୍ରାମରେ ଏକ ବୃହତ ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହାବ୍ୟତୀତ ହାଟବଦ୍ରାଠାରେ ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମାତୃଶକ୍ତି ଭବନ, ଏକ ସ୍ୱତନ୍ତ୍ର ସର୍କିଟ ହାଉସ ଏବଂ ରାଇରଙ୍ଗପୁରରେ ନବନିର୍ମିତ ପୁଲିସ ଜିଲ୍ଲାର ଲୋକାର୍ପଣ କରିବେ।

ରାଷ୍ଟ୍ରପତି ଆସନ୍ତାକାଲି ପାହାଡ଼ପୁର ଗସ୍ତ କରିବେ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଏକ ସାଧାରଣ ସଭାରେ ଯୋଗଦେଇ ରାଜ୍ୟରା ବିକାଶପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

***Desk***

# ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା–ପି.ଏମ୍– ଭି.ବି.ଆର୍.ୱାଇ. ଅଧୀନରେ ପ୍ରାୟ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ଦେଶବ୍ୟାପୀ ଅଦ୍ୟାବଧି ଏହି ଯୋଜନା ଅନ୍ତର୍ଗତ ୧୫ ଲକ୍ଷ ହିତାଧିକାରୀଙ୍କୁ ନିଯୁକ୍ତି ପାଇବାରେ ସହାୟତା ମିଳିପାରିଛି। ଯୋଜନାରେ କର୍ମକ୍ଷେତ୍ରରେ ପ୍ରବେଶ କରୁଥିବା ନୂତନ କର୍ମଚାରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ।

***BBSR/R***

# ରାଜ୍ୟପାଳ

ଯୁବପିଢ଼ି ନିଯୁକ୍ତି ସୃଷ୍ଟିକାରୀ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ିତୋଳିବା ଆବଶ୍ୟକ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଭୁବନେଶ୍ୱରସ୍ଥିତ ସି.ଆଇ.ପି.ଇ.ଟି. ଏବଂ ସି.ଟି.ଟି.ସି. ପରିଦର୍ଶନ କରି ରାଜ୍ୟପାଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ପ୍ରତି ଗୁରୁତ୍ୱାରୋପ କରିଛନ୍ତି ।

***BBSR/R***

# ନିଲମ୍ବନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୯୯୮ ବ୍ୟାଚ୍‌ର ଆଇ.ପି.ଏସ୍. ଅଧିକାରୀ ଦୟାଲ୍ ଗଙ୍ଗୱାର୍‌ଙ୍କୁ ନିଲମ୍ବନ କରିଛନ୍ତି । କର୍ତ୍ତବ୍ୟରେ ଅବହେଳା ଏବଂ ନିଜ ପଦର ଅପବ୍ୟବହାର ଅଭିଯୋଗରେ ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି ।

***Cuttack, Nabarangpur, Malkangiri, Dhenkanal/R***

# ବିକାଶଧାରା

ରାଜ୍ୟର ବିଭିନ୍ନ ସ୍ଥାନରେ ବିକାଶଧାରା ଓଡ଼ିଶା ସାରା ସମ୍ମିଳନୀ ଆୟୋଜିତ ହୋଇଯାଇଛି । କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ବିକାଶମୂଳକ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ ।

ନବରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ସାମାଜିକ ଓ ଆର୍ଥିକ ବିକାଶ ଉପରେ ଆଲୋକପାତ କରିଥିଲେ ।

ମାଲକାନଗିରି ଜିଲ୍ଲାରେ ମଧ୍ୟ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା ।

ଢେଙ୍କାନାଳ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।

***Khurda, Jajpur, Sonepur/R***

## ବିପର୍ଯ୍ୟୟ ପରିଚାଳନା ବୈଠକ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ଓ ମୁକାବିଲା ନେଇ ଟେବୁଲ୍ ଟପ୍ ଏକ୍ସରସାଇଜ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା, ଯାଜପୁର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଆୟୋଜିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି, ଅଭ୍ୟାସ ଓ ସଚେତନତା ନେଇ ଆଲୋଚନା ହୋଇଥିଲା ।

***Jajpur/R***

## ରଥଯାତ୍ରା - ପ୍ରସ୍ତୁତି ବୈଠକ

ଯାଜପୁରରେ ରଥଯାତ୍ରାପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି । ରଥଯାତ୍ରା ସମୟରେ ନୀତି ନୀର୍ଘଣ୍ଟ ନେଇ ଆଲୋଚନା ହୋଇଥିଲା ।

*Keonjhar/R*

# ବିଦ୍ୟାଳୟ ପୁରସ୍କାର

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ସମ୍ମାନଜନକ ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ପୁରସ୍କାରପାଇଁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍‌ର ଫୁଲକଅଁଳେଇ ନୋଡାଲ୍ ହାଇସ୍କୁଲ୍ ମନୋନୀତ ହୋଇଛି । ପ୍ରତିଯୋଗିତାରେ ଏହି ବିଦ୍ୟାଳୟ ସର୍ବଭାରତୀୟ ସ୍ତରରେ ଦଶମ ସ୍ଥାନ ଅଧିକାର କରିଛି ।

*Nabarangpur/R*

# ଫାଇଲେରିଆ ଚିହ୍ନଟ

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଫାଇଲେରିଆ ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି । ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି ।

*Sambalpur, Nuapada, Nayagarh/R*

# ଶିବବିବାହ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଦେବ ଦେବ ମହାଦେବ ଏବଂ ମା’ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି । ଶୀତଳଷଷ୍ଠୀର ମୁଖ୍ୟ

ଆକର୍ଷଣ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଲୋକନାଥ ବାବା, ମୁଦିପଡ଼ାର ଯାଜ୍ଞେଶ୍ୱର ବାବାଙ୍କ ସମେତ ବଡ଼ବଜାରର ଶୀତଳେଶ୍ୱର ବାବାଙ୍କ ଶୋଭାଯାତ୍ରା ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ଜନସମାଗମ ଦେଖିବାକୁ ମିଳିଥିଲା । ଆଜି ରାତିରେ ଯୁଗଳ ଦର୍ଶନ ଶୋଭାଯାତ୍ରା ଓ ଆସନ୍ତାକାଲି ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ ।

ନୂଆପଡ଼ା ଓ ନୟାଗଡ଼ ଜିଲ୍ଲାରେ ଶୀତଳଷଷ୍ଠୀରେ ଦେବଦମ୍ପତିଙ୍କ ବିବାହୋତ୍ସବ ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।

***Desk***

# ସିକିଲ୍ ସେଲ୍ ଦିବସ

ରକ୍ତହୀନତା ରୋଗର କାରଣ ଓ ନିରାକରଣ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସିକିଲ୍ ସେଲ୍ ବା ରକ୍ତଶିକୁଳୀ ଦିବସ ପାଳନ କରାଯାଉଛି । ଚଳିତବର୍ଷ **"ଜୀବନ ରକ୍ଷା ବ୍ୟବଧାନକୁ ହ୍ରାସ କରିବା : ରକ୍ତଶିକୁଳି ଯତ୍ନରେ ସମାନତା"** ଶୀର୍ଷକ ନେଇ ଏହି ଦିବସ ପାଳନ କରାଯାଉଛି । ରକ୍ତଶିକୁଳୀ ସମ୍ପର୍କରେ ସଚେତନତା ସୃଷ୍ଟିପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମାନ ଆୟୋଜନ କରାଯାଉଛି ।

***Met. O.***

# ପାଣିପାଗ

ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାସହ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ  ଗତକାଲି ବୌଦ୍ଧ ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୪୨ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା ।

***Desk***

# ସନ୍ତରଣ ପ୍ରତିଯୋଗିତା

ଗୁଜରାଟର ଅହମ୍ମଦାବାଦରେ ଚାଲିଥିବା ଜାତୀୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତ୍ୟାଶା ରାୟ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣପଦକ ଜିତିଛନ୍ତି । ପୂର୍ବରୁ ପ୍ରତ୍ୟାଶା ଏହି ପ୍ରତିଯୋଗିତାର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ କାଂସ୍ୟ ପଦକ ଜିତିଥିଲେ ।

*****